## ସଂକ୍ଷେପରେ

### ଦୀନେଶ ସଭାପତି, ଅକ୍ଷୟ୍ ସମ୍ପାଦକ

ଢେଙ୍କାନାଳ ଅଫିସ,୨୭।୧- ଢେଙ୍କାନାଳ କଳିଙ୍ଗ ଜୁଟ୍ ପ୍ରଡକ୍ଟ ଲେବର ୟୁନିୟନର ୨୦୨୨-୨୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର କର୍ମକର୍ତ୍ତାଙ୍କ ନାମ ତାଲିକା ଘୋଷଣା କରାଯାଇଛି। ସଭାପତି ଭାବେ ଦୀନେଶ କୁମାର ପ୍ରଧାନ ଓ ସମ୍ପାଦକ ଭାବେ ଅକ୍ଷୟ୍ ନାୟକ ନିର୍ବାଚିତ ହୋଇଛନ୍ତି। ସେହିପରି ଉପଦେଷ୍ଟା ଭାବେ ବୁଲୁ ମଲ୍ଲିକ, କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ବେହେରା, ପ୍ରଶାନ୍ତ ମହାନ୍ତି ଉପସଭାପତି, ସୁଶୀଲ କୁମାର ରାଉତ ଯୁଗ୍ମ ସମ୍ପାଦକ, ନକୁଳ ବରାଳ ସଂଗଠନ ସମ୍ପାଦକ, ବିଷ୍ଣୁ ବେହେରା କୋଷାଧକ୍ଷ, ଅର୍ଜୁନ ବିଶ୍ୱାଳ ସମୀକ୍ଷକ, ଦୀନବନ୍ଧୁ ସ୍ୱାଇଁ, ପ୍ରସନ୍ନ ବାୟକ, ବାବୁଲା ମହାନ୍ତି, ସାଧୁ ଦାସ, ନରେନ୍ଦ୍ର ସ୍ୱାଇଁ, ଜଗନ୍ନାଥ ବରାଳ, ଶ୍ରୀନିବାସ ପରିଡ଼ା, ଆର୍ତ୍ତବନ୍ଧୁ ପରିଡା, ଦୁଷ୍ମନ୍ତ ବିଶୋଇ, ଦିଲୀପ ସାହୁ, ଦେବରାଜ ଭୂତିଆ, ପ୍ରଦ୍ୟୁମ୍ନ ସ୍ୱାଇଁ, ଅଭିମନ୍ୟୁ ରଣା, କୈବଲ୍ୟ ପ୍ରଧାନ, ସର୍ବେଶ୍ୱର ଜେନା, ରାଧାନାଥ ନାୟକ, ରବି ନାରାୟଣ ବିଶ୍ୱାଳ, ସୁଦର୍ଶନ ସାହୁ, କୁମୁନ୍ଦ ସ୍ୱାଇଁ ଓ ଜୟକୃଷ୍ଣ ନାୟକ ପ୍ରମୁଖ କାର୍ଯ୍ୟକାରୀ ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।

### ଠିକ୍ ତାଲିମ ଉପରେ ଗୁରୁତ୍ୱାରୋପ

**ଢେଙ୍କାନାଳ ଅଫିସ,୨୭।୧:** ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ସୁପରିଚାଳନା ନିମନ୍ତେ ଗୁରୁବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧକ୍ଷତାରେ ଏକ ଜିଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ପ୍ରତି ନିର୍ବାଚନରେ ଯେପରି ଯୋଗ୍ୟ ଭୋଟର ସ୍ୱଚ୍ଛନ୍ଦରେ ନିଜ ମତଦାନ କରିପାରିବେ ସେଥିପ୍ରତି ବିଶେଷ ଯତ୍ନବାନ ହେବାକୁ ଜିଲାପାଳ ପ୍ରିଜାଇଡିଂ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭୋଟ ଗ୍ରହଣ ପ୍ରକ୍ରିୟା ନିମନ୍ତେ ସମ୍ପୃକ୍ତ ସମସ୍ତ କର୍ମଚାରୀ ଯେପରି ଠିକ୍ ତାଲିମ ପାଇପାରିବେ, ସେଥିପ୍ରତି ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ନିର୍ବାଚନର ସୁପରିଚାଳନା ନିମନ୍ତେ ଜିଲାପାଳ ସମସ୍ତ ବ୍ଲକ ଗସ୍ତକରି ତାଲିମ ପ୍ରଦାନ ଓ ଆନୁଷଙ୍ଗିକ ବ୍ୟବସ୍ଥାର ସମୀକ୍ଷା କରିବେ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ଦତ୍ତ, ଆଇଏଏସ୍ ପ୍ରୋବେଶନର ବିଭୂତି ଭୂଷଣ ନାୟକ, ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତି ଶଙ୍କର ସାହୁ, ହିନ୍ଦୋଳ ଉପଜିଲାପାଳ ଉଦୟ୍ କୁମାର ମହାନ୍ତି, ବନ୍ଦୋବସ୍ତ ଅଧିକାରୀ ଅଯୋଧାକାନ୍ତ ଶତପଥୀଙ୍କ ସମେତ ସମସ୍ତ ବିଡିଓ, ଏବିଡିଓ, ତହସିଲଦାର, ଅତିରିକ୍ତ ତହସିଲଦାର, ମାଷ୍ଟର ଟ୍ରେନର, ଜିପିଇଓ ଓ ପିଏ ଯୋଗ ଦେଇଥିଲେ।

### ସବ୍‌ଜଜ୍‌ଙ୍କ ଯୋଗଦାନ

**ହିନ୍ଦୋଳ,୨୭।୧(ଡି.ଏନ.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ସବ୍‌ଜଜ୍ କୋର୍ଟରେ ନୂତନ ସବ୍‌ଜଜ୍ ଭାବେ ଅଞ୍ଜଳି ପାଢ଼ୀ ଯୋଗଦାନ କରିଛନ୍ତି। ଏହି ଅବସରରେ ତାଙ୍କୁ ଓକିଲ



ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଂଘ ସଭାପତି ପ୍ରକାଶ ଦାସ, ସମ୍ପାଦକ ମନୋଜ ମାହାଳିକ, କ୍ଷିତୀଶ ସର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବରୁ ଥିବା ସବ୍‌ଜଜ ଚିନ୍ମୟୀ ରଥଙ୍କ ଖୋର୍ଦ୍ଧା କୋର୍ଟକୁ ବଦଳି ହୋଇଛି। ତାଙ୍କ ସ୍ଥାନରେ ନୂଆ ସବ୍‌ଜଜ୍ ଉଦଳାରୁ ଆସି କାର୍ଯ୍ୟରେ ଯୋଗ ଦେଇଛନ୍ତି।

### ଦିନକରେ ୭୩ ଆକ୍ରାନ୍ତ

**ଢେଙ୍କାନାଳ ଅଫିସ,୨୭।୧:** ଢେଙ୍କାନାଳ ଜିଲାରୁ ଗୁରୁବାର ୭୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିସହ ୫୩ ଜଣ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ପରଜଙ୍ଗ ବ୍ଲକରୁ ୧୧, ଓଡାପଡା ବ୍ଲକରୁ ୧୦, ଗଁଦିଆ ବ୍ଲକରୁ ୯, ସଦର ବ୍ଲକରୁ ୯, ଭୁବନ ବ୍ଲକରୁ ୮, କାମାକ୍ଷାନଗରରୁ ୬ ଓ ଏନଏସିରୁ ୫, ଢେଙ୍କାନାଳ ପୌରାଞ୍ଚଳରୁ ୩, ହିନ୍ଦୋଳ ବ୍ଲକରୁ ୨ ଓ ଏନ୍‌ଏସିରୁ ୧, କଙ୍କଡାହାଡ ବ୍ଲକରୁ ୧, ଅନ୍ୟ ଚିକିତ୍ସାଳୟରୁ ୮ ଜଣ ଚିହ୍ନଟ ହୋଇଛନ୍ତି। ଦିନକରେ ୧୩୪୬ ଟେଷ୍ଟକୁ ମିଶାଇ ଏଯାଏ ଜିଲାରେ ମୋଟ ୬ଲକ୍ଷ ୩୩ ହଜାର ୯୧୧ ଜଣଙ୍କ ସ୍ୱାବ୍ ଟେଷ୍ଟ କରାଯାଇଛି। ସେଥିରୁ ୨୧ ହଜାର ୪୯୨ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୨୦ ହଜାର ୫୬୭ ସୁସ୍ଥ ହୋଇସାରିଛନ୍ତି। ବର୍ତ୍ତମାନ ଜିଲାରେ ୬୭୭ ଜଣ ଆକ୍ରାନ୍ତ ଚିକିତ୍ସାଧୀନ ଥିବାବେଳେ ଆଉ ଜଣଙ୍କର ମୃତ୍ୟୁ ହେବାପରେ ଜିଲାରେ ମୋଟ୍ କୋଭିଡ୍ ଜନିତ ମୃତ୍ୟୁ ସଂଖ୍ୟା ୨୪୮ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ‘ସଂଗ୍ରାମୀଙ୍କ ସାହସ ଶିହରଣ ସୃଷ୍ଟି କରେ’

**ଅନୁଗୋଳ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ**

ଅନୁଗୋଳ ଅଫିସ, ୨୭।୧

କୋଭିଡ୍ କଟକଣା ମଧ୍ୟରେ ଅନୁଗୋଳ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହ ଅନୁଗୋଳ ଷ୍ଟାଡିୟମଠାରେ ପାଳିତ ହୋଇଯାଇଛି। ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ୍, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବାହ୍ନ ୯ଟା ୧୫ରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ନିଜ ଉଦ୍‌ବୋଧନରେ ମନ୍ତ୍ରୀ କହିଥିଲେ, ଭାରତୀୟ ସମ୍ବିଧାନରେ କୋଟି କୋଟି ଭାରତୀୟଙ୍କ ଆଶା, ଆକାଂକ୍ଷା, ଅଭୀପ୍ସା ଓ ସ୍ୱପ୍ନ ପ୍ରତିଫଳିତ ହୋଇଛି। ଜାତୀୟ ସଂଗ୍ରାମ ଓ ପରବର୍ତ୍ତୀ ସମୟରେ ଅଖଣ୍ଡତା ରକ୍ଷା ପାଇଁ ଯେଉଁମାନେ ପ୍ରାଣବଳୀ ଦେଇଛନ୍ତି ସେମାନଙ୍କ ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛି। ଅନୁଗୋଳ ଜିଲାର ସଂଗ୍ରାମୀମାନଙ୍କ ଅସୀମ ତ୍ୟାଗ, ସାହସ ଓଡ଼ିଶାବାସୀଙ୍କ ଭିତରେ ଶିହରଣ ସୃଷ୍ଟି କରୁଛି। ୧୯୩୪ ମସିହାରେ ମହାତ୍ମା ଗାନ୍ଧୀଙ୍କ ଅନୁଗୋଳ ପଦଯାତ୍ରା ଏ ମାଟିକୁ ଧନ୍ୟ କରିଛି। ଏହି ଅବସରରେ ୯ ଜଣ କୋଭିଡ ଯୋଦ୍ଧାଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଜିଲା କାର୍ଯ୍ୟାଳୟ, ଉପଜିଲାପାଳ କାର୍ଯ୍ୟାଳୟ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ପୌରପାଳିକାରେ ପତାକା ଉତ୍ତୋଳନ କରିବା ସହ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏସ୍‌ପି ଜଗମୋହନ ମୀନା, ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଉପଜିଲାପାଳ ବାସୁଦେବ ଶତପଥୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଡେପୁଟି କଲେକ୍ଟର ବଇତୁରା ଦୀପ୍, ପୌରପାଳିକା ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



ଅନୁଗୋଳ ଷ୍ଟାଡିୟମରେ ପରେଡ୍।

ସେହିପରି ଆଠମଲ୍ଲିକ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଲଳିତ ମୋହନ ବେହେରା ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। କିଶୋରନଗର ବ୍ଲକ ପରିସରରେ ଅଧକ୍ଷା ବବିତା ପ୍ରଧାନ ପତାକା ଉତ୍ତୋଳନ କରିଥିଲେ। ବିଡିଓ ଡ. ସ୍ୱରୂପାନନ୍ଦ ସାହୁ ଯୋଗଦେଇଥିଲେ। ବାଜି ରାଉତ ଛାତ୍ରାବାସରେ ଉତ୍କଳ ସମ୍ମିଳନୀ ଅନୁଗୋଳ ଜିଲା ସମ୍ପାଦକ ଧନେଶ୍ୱର ସାହୁ ପତାକା ଉତ୍ତୋଳନ କରିଥିଲେ। ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡା ଗ୍ରାମରେ ବରିଷ୍ଠ ନାଗରିକ ମଞ୍ଚ ଉପସଭାପତି ଅରୁଣ କୁମାର ଦାସ ପତାକା ଉତ୍ତୋଳନ କରିଥିଲେ। ରାଣୀଗୋଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ଜେନା ପତାକା ଉତ୍ତୋଳନ କରିଥିଲେ। ପାଲଲହଡ଼ା ବ୍ଲକ ଖମାରସ୍ଥିତ ଉତ୍କଳମଣି ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ପ୍ରଧାନ ପତାକା ଉତ୍ତୋଳନ କରିଥିଲେ। କଣିହାଁ ବ୍ଲକ ପବିତ୍ରନଗର ମିନିଷ୍ଟାଡିୟମରେ ମୁଖ୍ୟ ଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଳ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ।

# ବରପୁତ୍ରମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ

**ଢେଙ୍କାନାଳରେ ସାଧାରଣତନ୍ତ୍ର ଦିବସ**

ଢେଙ୍କାନାଳ ଅଫିସ,୨୭।୧

ଢେଙ୍କାନାଳ ଷ୍ଟାଡିୟମଠାରେ ବୁଧବାର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ କୋଭିଡ୍ କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ସକାଳ ୮ଟା ୪୫ରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସେ ସ୍ୱାଧୀନତା ସଂଗ୍ରାମୀ ଓ ମହାନ ବରପୁତ୍ରମାନଙ୍କ ସ୍ମୃତିଚାରଣ କରିବା ସହ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଢେଙ୍କାନାଳକୁ ସର୍ବଶ୍ରେଷ୍ଠ ଜିଲାରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ଢେଙ୍କାନାଳ ଜିଲା ବିଭିନ୍ନ କ୍ଷେତ୍ରରେ ସର୍ବଶ୍ରେଷ୍ଠ ସହ ପ୍ରଶଂସିତ ହୋଇଥିବାବେଳେ କୋଭିଡ ପରିଚାଳନାରେ ଜିଲା ଭଲ କାମ କରିଛି ବୋଲି ଜିଲାପାଳ କହିଥିଲେ। ଏହି କାର୍ଯ୍ୟକ୍ରମରେ ପୋଲିସ ବାହିନୀ, ଓଏସ୍‌ଓପି ପ୍ରଥମ ବାଟାଲିୟନ ଓ ପୋଲିସ ବ୍ୟାଣ୍ଡ ଦଳ ଜାତୀୟ ପତାକାକୁ ସମ୍ମାନ ପ୍ରଦର୍ଶନ କରିଥିଲେ। ରିଜର୍ଭ ଇନ୍ସପେକ୍ଟର କବିରଞ୍ଜନ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସମେତ ମିଶନ ଡ୍ରିମ୍ସ ମିସ୍ ଇଣ୍ଡିଆ-୨୦୨୧ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଜଗଜିତା ଦାଶ ଓ ହ୍ୱିଲଚେୟାର ଫେନ୍ସିଂ କ୍ରୀଡାବିତ ପବିତ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କରୋନା ଯୋଦ୍ଧାମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏସ୍‌ପି ଲୋଗାନୟାଗି ଦିବ୍ୟା ଭି, ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଅବନୀ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଚାମ୍ବର ଅଫ୍ କମର୍ସ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ଓ ନାମୀ ଅନୁଷ୍ଠାନ ପକ୍ଷରୁ ଜିଲା କାରଗାର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସକାଳ ୮ଟାରେ ମୁଖ୍ୟ ଅତିଥି ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ହିନ୍ଦୋଳରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ଅବସରରେ ଉପଜିଲାପାଳ ଉଦୟ କୁମାର ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଆଶା କର୍ମୀ, ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜୁଡିସିଆଲ କୋର୍ଟରେ ଏସ୍‌ଡିଜେଏମ୍, ଏନ୍‌ଏସିରେ ଟିମା ବେହେରା, ବ୍ଲକରେ ବିଡିଓ କ୍ଷିରାବ୍ଧି ତନୟା ସାହୁ ପତାକା ଉତ୍ତୋଳନ କରିଥିଲେ।



ମିଶନ ଡ୍ରିମ୍ସ ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଜଗଜିତା ଦାଶଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି।

# ୩ ଅଗ୍ନିଶମ କର୍ମଚାରୀ ସମ୍ମାନିତ




ସହକାରୀ ଅଗ୍ନିଶମ ଅଧିକାରୀଙ୍କୁ ସମ୍ମାନିତ କରୁଛନ୍ତି ମନ୍ତ୍ରୀ ପ୍ରତାପ ଜେନା।

ଅନୁଗୋଳ ଅଫିସ, ୨୭।୧

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଅନୁଗୋଳ ଅଗ୍ନିଶମ କେନ୍ଦ୍ରର ୩ ଜଣ କର୍ମଚାରୀଙ୍କୁ କୋଭିଡ୍ ଯୋଦ୍ଧା ଭାବେ ସମ୍ମାନିତ କରାଯାଇଛି। ସେମାନେ ହେଲେ ଅନୁଗୋଳ ସହକାରୀ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ଧଳ, ଫାୟାରମ୍ୟାନ (ଚାଳକ) ରଶ୍ମିକାନ୍ତ ବରାଳ ଓ ଫାୟାରମ୍ୟାନ ଆଶୁତୋଷ ମଲ୍ଲିକ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ରାଜ୍ୟ ପଞ୍ଚାୟତିରାଜ, ପାନୀୟଜଳ, ଆଇନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ସମ୍ପୃକ୍ତ ୩ କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନିତ କରିଥିଲେ।

# ଦିଲ୍ଲୀରେ ମନ୍ତ୍ରମୁଗ୍ଧ କଲେ ନୃତ୍ୟ ନିଳୟ କଳାକାର

**ଅନୁଗୋଳ ଇତିହାସରେ ପ୍ରଥମ**

ଅନୁଗୋଳ ଅଫିସ, ୨୭।୧

ଦିଲ୍ଲୀରେ ଅନୁଷ୍ଠିତ ୭୩ତମ ସାଧାରଣତନ୍ତ୍ର ଦିବସ ଅବସରରେ ଅନୁଗୋଳ ନୃତ୍ୟ ନିଳୟର ୧୦ ଜଣିଆ ଦଳ କଳା ପରିବେଷଣ କରି ବେଶ୍ ତାଳି ସାଉଣ୍ଟିଛନ୍ତି। ରାଜପଥରେ ଅନୁଷ୍ଠିତ ଏହି ଜାତୀୟ ସମାରୋହରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ହଜାର ହଜାର ଦର୍ଶକଙ୍କ ଭିଡ଼ରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ନୃତ୍ୟ ନିଳୟର କଳାକାରମାନେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଭବ୍ୟ ପରେଡ୍‌ର ଶେଷ ଭାଗରେ ୧୫ ରାଜ୍ୟର ୩୬ଟି ଟିମ୍ ପକ୍ଷରୁ ୪୮୫ ଜଣ କଳାକାର ବନ୍ଦେ ମାତରମ୍ ଅମୃତ ମହୋତ୍ସବ ମାଧ୍ୟମରେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ଏମାନଙ୍କ ମଧ୍ୟରେ ସ୍ଥାନ ପାଇଥିଲେ ଅନୁଗୋଳ ନୃତ୍ୟ ନିଳୟର ଏହି ୧୦ ଜଣିଆ ଦଳ। ଜାତୀୟ ସମାରୋହରେ ଦିଲ୍ଲୀ ରାଜପଥରେ ଅନୁଗୋଳର କଳାକାରମାନେ ନିଜ କଳା ଚାତୁରୀ ପ୍ରଦର୍ଶନ କରିବା ଜିଲା ଇତିହାସରେ ପ୍ରଥମ ଘଟଣା। ନୃତ୍ୟ ଗୁରୁ ସ୍ୱପ୍ନାରାଣୀ ସିହ୍ନାଙ୍କ ମାର୍ଗ ଦର୍ଶନରେ ଏହି କଳାକାରମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ।



ଦିଲ୍ଲୀ ରାଜପଥରେ ଅନୁଗୋଳ ନୃତ୍ୟ ନିଳୟ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ବାଇକ୍ ଡିକିରୁ ଟଙ୍କା ଲୁଟ୍ ଉଦ୍ୟମ

ଛେଣ୍ଡିପଦା,୨୭।୧(ସ୍ୱ.ପ୍ର.)

ଛେଣ୍ଡିପଦା ତହସିଲ ଛକଠାରେ ଗୁରୁବାର ମଧ୍ୟାହ୍ନରେ ଜଣେ ବୀମା ଏଜେଣ୍ଟଙ୍କ ମୋଟରସାଇକେଲ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୧ ଲକ୍ଷ ୬୦ ହଜାର ଟଙ୍କା ଲୁଟି ନେଇଥିଲେ। ସ୍ଥାନୀୟ ଲୋକମାନେ ପିଛା କରୁଥିବା ଦେଖି ଟଙ୍କା ଫୋପାଡି ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ପ୍ରକାଶ ଯେ, ଛେଣ୍ଡିପଦା ଗ୍ରାମର ଏଜେଣ୍ଟ ମୋହନ ମହାପାତ୍ର ପୂର୍ବାହ୍ନ ୧୧ଟା ବେଳେ ବ୍ୟାଙ୍କରୁ ୧ଲକ୍ଷ ୬୦ ହଜାର ଟଙ୍କା ଉଠାଣ କରି ତହସିଲ ନିକଟସ୍ଥ ଏକ ଦୋକାନକୁ ଯାଇଥିଲେ। ୨ଜଣ ଦୁର୍ବୃତ୍ତ ଏକ ପଲସର ବାଇକ୍‌ରେ ତାଙ୍କୁ ବ୍ୟାଙ୍କ ଠାରୁ ପିଛା କରିବା ସହିତ ଡିକି ଭାଙ୍ଗି ଟଙ୍କା ନେଇଯାଇଥିଲେ। ଓକିଲ ସଂଘ ସଭାପତି ନଗେନ କୁମାର ନନ୍ଦ ଓ ସ୍ଥାନୀୟ ଯୁବକମାନେ ପିଛା କରୁଥିବା ବେଳେ ଓକିଲ ସଂଘ ସଭାପତି ନନ୍ଦ ଦୁର୍ବୃତ୍ତଙ୍କ ବାଇକ୍‌କୁ ଧକ୍କା ଦେଇଥିଲେ। ଫଳରେ ଦୁର୍ବୃତ୍ତମାନେ ରାସ୍ତାରେ ଟଙ୍କା ପକାଇ ପଳାଇଯାଇଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# ଓଡ଼ିଆ ଯବାନଙ୍କୁ ଶହୀଦ ସ୍ମାରକୀ ଫଳକ ପ୍ରଦାନ

ଢେଙ୍କାନାଳ ଅଫିସ,୨୭।୧

୧୯୭୧ ମସିହା ଭାରତ–ପାକିସ୍ତାନ ଯୁଦ୍ଧରେ ଶହୀଦ ହୋଇଥିବା ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆ ଥାନା ମଙ୍ଗଳପୁର ଗ୍ରାମର ଯବାନ ସୁବେଦାର, ନାଏବ ସୁବେଦାର ଗୋପବନ୍ଧୁ ରାଉତଙ୍କୁ ସମ୍ମାନ ପୂର୍ବକ ପ୍ରଧାନମନ୍ତ୍ରୀଙ୍କ ପ୍ରଦତ୍ତ ଶହୀଦ ସ୍ମାରକୀ ଫଳକ ବୁଧବାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଗଙ୍ଗାଧର ସାମଲ, ସମ୍ମାନିତ ଅତିଥି ଭାବେ ଡା. ଅବିନାଶ ସାମଲ, କୁଞ୍ଜ ତ୍ରିପାଠୀ, ୧୨ -ଓଡ଼ିଶା ଏନ୍‌ସିସି ବାଟାଲିୟନ ଢେଙ୍କାନାଳର କମାଣ୍ଡିଙ୍ଗ୍ ଅଫିସର କଲୋନେଲ ସିଦ୍ଧାର୍ଥ ବାସାୟନ, ସୁବେଦାର ସୋମ ଦତ୍ତ, ଏନ୍‌ସିସି ଥାର୍ଡ ଅଫିସର ଡ. ନୀହାର ରଞ୍ଜନ ସିଂହ ପ୍ରମୁଖ ଯୋଗଦେଇ ଶହୀଦ ଯବାନ ଗୋପବନ୍ଧୁଙ୍କ ସ୍ତ୍ରୀ ରେବତୀ ରାଉତଙ୍କୁ ଫଳକ ପ୍ରଦାନ କରିଥିଲେ। ଏହି ଅବସରରେ ଶହୀଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଦେଶରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ‘ଶହୀଦ କୋ ଶତଶତ ନମନ’ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶହୀଦମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ ଶହୀଦ ସ୍ମାରକ ଫଳକ ସେମାନଙ୍କ ପରିବାର ନିକଟରେ ପହଞ୍ଚାଇବା ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସଂଗ୍ରାମ କେଶରୀ ପରିଡା, ଦୁଷ୍ମନ୍ତ କୁମାର ସାହୁ, ଆନନ୍ଦ ଚନ୍ଦ୍ର ସାମଲ, ପ୍ରଦୀପ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ।



ଶହୀଦ ସ୍ମାରକୀ ଫଳକ ପ୍ରଦାନ କରାଯାଉଛି।

# ରାମାୟଣ ମହାକାବ୍ୟ ଚିତ୍ରକଳା ଉନ୍ମୋଚିତ

ଢେଙ୍କାନାଳ ଅଫିସ,୨୭।୧– ଢେଙ୍କାନାଳ ଭାରତୀୟ ଜନସଞ୍ଚାର ସଂସ୍ଥାନ ପରିସରରେ ବୁଧବାର ରାମାୟଣ ମହାକାବ୍ୟର ଚିତ୍ରକଳା ଉନ୍ମୋଚିତ ହୋଇଯାଇଛି। ସାଧାରଣତନ୍ତ୍ର ଦିବସ ଅବସରରେ ଏହାକୁ ଉନ୍ମୋଚନ କରାଯାଇଥିଲା। ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ, ସେକ୍ସନ ଅଫିସର କେଦାରନାଥ ଜେନା, ଶିକ୍ଷା ସଂଯୋଜକ ଜିତେନ୍ଦ୍ର ପତି, ଗ୍ରନ୍ଥାଗାରିକ ଶୁଭଙ୍କରୀ ଦାସ ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ୧୨ଫୁଟ ଉଚ୍ଚତା ଓ ୬୦ ଫୁଟର ଚଉଡା ଏହି କାନ୍ଥରେ ଚିତ୍ରକଳାରେ ରାମାୟଣ ମହାକାବ୍ୟକୁ ସ୍ଥାନ ଦିଆଯାଇଛି। ରାମାୟଣର ବିଭିନ୍ନ କଥାକୁ କାନ୍ଥରେ ଚିତ୍ରିତ କରିଛନ୍ତି ୫ଜଣ ଯୁବଶିଳ୍ପୀ। ରାମ–ସୀତାଙ୍କ ବିବାହ, ବନବାସ ଯାତ୍ରା, ମାୟାମିରିଗ ଘଟଣାରୁ ଲଙ୍କାପୋଡି ଓ ଶେଷରେ ରାମ–ରାବଣ ଯୁଦ୍ଧର କଥାବସ୍ତୁ ଜୀବନ୍ତ ହୋଇଉଠିଛି ଚିତ୍ରକରଙ୍କ ତୂଳୀରେ। ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ପ୍ରତିଷ୍ଠାନର ସ୍ଥାପତ୍ୟ ବିଦ୍ୟା ବିଭାଗ ସହକାରୀ ପ୍ରଫେସର ଅମିତ ଚାଟାର୍ଜୀଙ୍କ ନିର୍ଦ୍ଦେଶନାରେ ୫ଜଣ ଛାତ୍ରୀଛାତ୍ର ୭ଦିନ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିଥିଲେ।



ଆଇଆଇଏମ୍‌ସି କାନ୍ଥରେ ନିର୍ମିତ ଚିତ୍ରକଳା।

### ଅନୁଗୋଳ ଫାର୍ମାସିଷ୍ଟ ସଂଘ ବୈଠକ

ଅନୁଗୋଳ ଅଫିସ,୨୭।୧

ଓଡ଼ିଶା ଫାର୍ମାସିଷ୍ଟ ଆସୋସିଏଶନ ଅନୁଗୋଳ ଜିଲା ଶାଖାର ଏକ ସାଧାରଣ ବୈଠକ ସୁଚିତ କୁମାର ଗଡ଼ନାୟକଙ୍କ ସଭାପତିତ୍ୱରେ ସ୍ଥାନୀୟ ଡାକ୍ତରଖାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ସମସ୍ତ ଫାର୍ମାସିଷ୍ଟ ଉପସ୍ଥିତ ରହି ଉପଲବ୍ଧ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଏବଂ ଫାର୍ମାସିଷ୍ଟମାନଙ୍କ ଉପରେ ଦିଆଯାଇଥିବା ଗୁରୁ ଦାୟିତ୍ୱକୁ ଠିକ୍ ଭାବେ ପରିଚାଳନା କରିବା ଦିଗରେ ସୃଷ୍ଟ ସମସ୍ୟା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଅଣତାଲିମପ୍ରାପ୍ତ ଫାର୍ମାସିଷ୍ଟିଙ୍କୁ ଅଗ୍ରାଧିକାର ଭିତ୍ତିରେ କମ୍ପ୍ୟୁଟର ଟ୍ରେନିଂ ପ୍ରଦାନ, ସ୍ୱଳ୍ପ ଅବଧି ଥିବା ଔଷଧ ରୋଗୀମାନଙ୍କ ଉଦ୍ଦେଶ୍ୟରେ ପଠାଯାଉଥିବାରୁ ତାହାର ପ୍ରତିକାର କରାଯିବା ଆଦି ସମସ୍ୟାର ସମାଧାନ ପାଇଁ ସଂଘ ପକ୍ଷରୁ ସରକାଙ୍କୁ ଅବଗତ କରାଯିବ ବୋଲି ସ୍ଥିର କରାଯାଇଥିବା ସଭାପତି ରାଜେନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

# କଲେଜ ସମ୍ମୁଖରେ ଛାତ୍ରଙ୍କ ଧାରଣା

**ଢେଙ୍କାନାଳ ଅଫିସ,୨୭।୧:** ଯୁକ୍ତ ୨ ବାର୍ଷିକ ପରୀକ୍ଷା ବାତିଲ ଦାବିରେ ଢେଙ୍କାନାଳ କନିଷ୍ଠ ମହାବିଦ୍ୟାଳୟ ଶେଷବର୍ଷର ଛାତ୍ରମାନେ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଗୁରୁବାର ଧାରଣା ଦେଇଥିଲେ। ଛାତ୍ରମାନେ କହିଛନ୍ତି, କରୋନାର ଦ୍ୱିତୀୟ ଲହର ପରେ ଗତ ଅଗଷ୍ଟ ମାସରେ ଅଫ୍‌ଲାଇନରେ ପାଠପଢା ଆରମ୍ଭ ହୋଇଥିଲା। ମାତ୍ର ୩ମାସ ପାଠପଢା ପରେ ବାର୍ଷିକ ପରୀକ୍ଷା କରାଯିବ ବୋଲି ଜଣାପଡ଼ିଛି। ପାଠପଢା ଶେଷ ହୋଇ ନ ଥିବାବେଳେ ବାର୍ଷିକ ପରୀକ୍ଷା କିଭଳି କରାଯିବ ତାହାକୁ ନେଇ ଛାତ୍ରୀଛାତ୍ରମାନଙ୍କ ଚିନ୍ତା ବଢ଼ିଯାଇଛି। ତେଣୁ ପାଠପଢା ସମ୍ପୂର୍ଣ୍ଣ ଭାବେ ଶେଷ ହେବାପରେ ପରୀକ୍ଷା କରାଯାଉ। ନଚେତ ବାର୍ଷିକ ପରୀକ୍ଷାକୁ ସ୍ଥଗିତ ରଖିବା ପାଇଁ ଧାରଣାରତ ଛାତ୍ରମାନେ ଦାବି କରିଥିଲେ। ଏ ସମ୍ପର୍କରେ କନିଷ୍ଠ ମହାବିଦ୍ୟାଳୟ ଅଧକ୍ଷ ଚତୁର୍ଭୁଜ ପତି କହିଛନ୍ତି, ପରୀକ୍ଷା ବାତିଲ କରିବା, ନ ହେଲେ ୩ ମାସ ଘୁଞ୍ଚାଇ ଦେବା ପାଇଁ ଛାତ୍ରମାନେ ଦାବି କରିଥିଲେ। ଏ ନେଇ ସରକାର ଯାହା ନିଷ୍ପତ୍ତି ନେବେ।



ଯୁକ୍ତ୨ ଶେଷବର୍ଷ ଛାତ୍ରମାନେ ଧାରଣା ଦେଇଛନ୍ତି।

# ପାରା ଅଲିମ୍ପିକ୍ସ ଖେଳିବା ଲକ୍ଷ୍ୟରେ ପବିତ୍ର

**ହ୍ୱିଲଚେୟାର ଫେନ୍ସିଂ କ୍ରୀଡ଼ାବିତ୍**

ଢେଙ୍କାନାଳ ଅଫିସ,୨୭।୧

ଦୃଢ଼ ମନୋବଳ ଓ କଠୋର ପରିଶ୍ରମ ଦ୍ୱାରା ଅସମ୍ଭବକୁ ମଧ୍ୟ ସମ୍ଭବ କରାଯାଇପାରେ, ଯାହା କରିଦେଖାଇଛନ୍ତି ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ନୂଆଗାଁ ଗ୍ରାମର ପବିତ୍ର ସାହୁ। ରାଜ୍ୟର ଜଣେ ହ୍ୱିଲଚେୟାର ଫେନ୍ସିଂ କ୍ରୀଡ଼ାବିତ୍ ଭାବେ ପବିତ୍ର କେବଳ ଢେଙ୍କାନାଳ ନୁହେଁ, ରାଜ୍ୟ ଏବଂ ଜାତୀୟସ୍ତରରେ ବେଶ୍ ପ୍ରଶଂସିତ ହୋଇପାରିଛନ୍ତି। ଆଗାମୀ ଦିନରେ ହ୍ୱିଲଚେୟାର ଫେନ୍ସିଂରେ ପାରା ଅଲିମ୍ପିକ୍ସ, ବିଶ୍ୱ ଚାମ୍ପିୟନଶିପ୍, ଏସିଆନ ଚାମ୍ପିୟନଶିପ୍, ୨୩ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍ ଖେଳିବା ଲକ୍ଷ୍ୟ ରଖି ପ୍ରସ୍ତୁତି ଜୋର୍‌ଦାର କରିଥିବା ପବିତ୍ର କହିଛନ୍ତି।



ହ୍ୱିଲଚେୟାର ଫେନ୍ସିଂ କ୍ରୀଡାବିତ୍ ପବିତ୍ର ସାହୁ।

ପଦ୍ମନାଭ ସାହୁ ଓ ଗୀତା ସାହୁଙ୍କ ୫ମ ସନ୍ତାନ ପବିତ୍ରଙ୍କ ଜନ୍ମ ୧ ଫେବୃୟାରୀ ୨୦୦୨ରେ। ୫ମ ଶ୍ରେଣୀରେ ପଢୁଥିବା ବେଳେ ତାଙ୍କ ସହ ଘଟିଥିଲା ଏକ ଦୁର୍ଘଟଣା। ଭୂଷଣ କମ୍ପାନୀ ନିକଟସ୍ଥ ରେଳଧାରଣା ଦେଇ ସାଙ୍ଗମାନଙ୍କ ସହ ଯିବାବେଳେ ଦୁର୍ଘଟଣାରେ ବାମଗୋଡ ହରାଇଥିଲେ। ବର୍ତ୍ତମାନ ସେ ଭୁବନେଶ୍ୱରସ୍ଥିତ ବିଜେବି କଲେଜରେ ବିଏସ୍‌ଏସି ଦ୍ୱିତୀୟବର୍ଷ ଗଣିତ ସମ୍ମାନର ଛାତ୍ର। ହ୍ୱିଲଚେୟାର ଫେନ୍ସିଂ କୋଚ୍ ରାଖାଲ କୁମାର ସେଠୀଙ୍କ ସହ ପରିଚିତ ହେବା ପରେ ତାଙ୍କରି ପ୍ରେରଣାରେ ପବିତ୍ର ଅଭ୍ୟାସ ଆରମ୍ଭ କରିଥିଲେ। ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ସାହୋତା ଫେନ୍ସିଂ କ୍ଲବରେ ସେ ଅଭ୍ୟାସ ଜାରି ରଖିଛନ୍ତି। ୨୦୨୧ ମାର୍ଚ୍ଚ ୨୭ ଓ ୨୮ରେ ହରିୟାଣା କର୍ନଲସ୍ଥିତ କରନ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ହ୍ୱିଲଚେୟାର ଫେନ୍ସିଂ ପ୍ରତିଯୋଗିତାରେ ଦଳଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଓ ବ୍ୟକ୍ତିଗତ ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ। ବୁଧବାର ଢେଙ୍କାନାଳଠାରେ ୭୩ତମ ସାଧାରଣତନ୍ତ୍ର ଦିବସ ଅବସରରେ ମୁଖ୍ୟ ଅତିଥି ଜିଲାପାଳ ସରୋଜ କୁମାର ସେଠୀ ଏହି କୃତିତ୍ୱ ପାଇଁ ପବିତ୍ରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

### ବାର୍‌ହା ମୃତଦେହ ଜବତ

**ଛେଣ୍ଡିପଦା,୨୭।୧(ସ୍ୱ.ପ୍ର.):** ଛେଣ୍ଡିପଦା ବନାଞ୍ଚଳ ଛେଣ୍ଡିପଦା ପଞ୍ଚାୟତର କୁମ୍ଭାରସାହି ଗ୍ରାମ ଗୁଡିଆବନ୍ଧ ନିକଟସ୍ଥ ବିଲମାଳରେ ଥିବା ଏକ ପରିତ୍ୟକ୍ତ କୂଅରୁ ବୁଧବାର ବାର୍‌ହା ମୃତଦେହ ଜବତ କରାଯାଇଛି। ଗ୍ରାମର କେତେଜଣ ଚାଷୀ ବନବିଭାଗକୁ ଖବର ଦେବାପରେ କର୍ମଚାରୀମାନେ ପହଞ୍ଚି ବାର୍‌ହା ମୃତଦେହ ବାହାର କରିବା ପରେ ବ୍ୟବଚ୍ଛେଦ କରାଯାଇଥିଲା। ଖାଦ୍ୟ ଅନ୍ୱେଷଣରେ ଆସି ବାର୍‌ହା କୂଅରେ ପଡି ମରିଥିବା ପ୍ରାଥମିକ ତଦନ୍ତରୁ ବନ ବିଭାଗ ଜାଣିବାକୁ ପାଇଛି।

